# କେତେ ଦିଗନ୍ତ

ଜନଶକ୍ତି ୮-୬-୬୭

ମନୋଜ ଦାସ

ପ୍ରଖ୍ୟାତ ଫରାସୀ କବି, ତଥା କବିତାରେ ଆଧୁନିକତାର ଅନ୍ୟତମ ପଥପ୍ରଦର୍ଶକ ପିଏର ଚାର୍ଲ୍‌ସ ବଦ୍‌ଲେଅରଙ୍କର ପ୍ରଥମ ମୃତ୍ୟୁ ଶତବାର୍ଷିକୀ ଚଳିତ ବର୍ଷ ପଡ଼ୁଛି । 'ବଦଲେଆର' ଆଜି ଆଧୁନିକ ଯଶଃପ୍ରାର୍ଥୀ ପ୍ରତ୍ୟେକ କବି ଓ ସମାଲୋଚକଙ୍କ ପକ୍ଷରେ ଏକ ଅପରିହାର୍ଯ୍ୟ ନାମ ସତ୍ୟ, କିନ୍ତୁ ଏହି ଶତବାର୍ଷିକୀ ଉପଲକ୍ଷେ ତାଙ୍କ ଜୀବନର ଟିକିଏ ଆଲୋଚନା ହେବା ଉଚିତ ।

## ଶତାବ୍ଦୀ ସ୍ମରଣେ:

ଆଧୁନିକ କବିତାରେ (ସାଧାରଣ ଭାବରେ ସମଗ୍ର ସାହିତ୍ୟରେ ମଧ୍ୟ) ଯେଉଁଠି ଶ୍ଳୀଳ—ଅଶ୍ଳୀଳ ସୀମା ରେଖାର ବିଷୟ-ପ୍ରସଙ୍ଗ ପଡ଼େ, ସେଇଠି ପ୍ରାୟ ବଦ୍‌ଲେଅରଙ୍କୁ ଜଣେ ସାକ୍ଷୀ ରୂପେ ଅବତୀର୍ଣ୍ଣ ହେବାକୁ ପଡ଼େ । ଅଶ୍ଳୀଳତା-ପ୍ରବର୍ତ୍ତନ ଅଭିଯୋଗରେ ଯେଉଁମାନେ ଅଭିଯୁକ୍ତ ହୁଅନ୍ତି, ସେହିମାନେ ହିଁ ସାଧାରଣତଃ ବଦ୍‌ଲେଅରଙ୍କ କବିତାରୁ କିଛି କିଛି ଅଭିବ୍ୟକ୍ତି ଉଦ୍ଧୃତ କରି ଦେଖାଇ ଦିଅନ୍ତି; 'ଏତେ ବଡ଼ କବି ବି ଏମିତି ଲେଖିଥିଲେ !' ହୁଏତ ଏହି ସାକ୍ଷ୍ୟ ପରିବେଷଣ ପଛରେ ଅନୁକ୍ତ ରହିଥାଏ ଏଇଭଳି ଗୋଟାଏ ବକ୍ତବ୍ୟ । 'ଏମିତି ଲେଖିଥିବା ଯୋଗୁଁ ହିଁ ସେ ଏଡ଼େ ବଡ଼ କବି; ମୁଁ ଖାଲି ସନ୍ଧାନି ନାହିଁ !'

ଯେଉଁମାନେ କବିତାର ଆନନ୍ଦ ଉପଭୋଗ କରିବା ନିମନ୍ତେ ବଦ୍‌ଲେଆର ପଢ଼ିଛନ୍ତି—କେବଳ ତାଙ୍କୁ ସାକ୍ଷୀ କରିବା ପାଇଁ ନୁହେଁ—ସେମାନେ ସମସ୍ତେ ସ୍ୱୀକାର କରିବେ ଯେ, ତାଙ୍କ କବିତାର ଗୋଟାଏ ଅଭିବ୍ୟକ୍ତିକୁ ଛିଣ୍ଡାଇ ଆଣି ନିଜକୁ 'ଅଶ୍ଳୀଳ ନୁହେଁ' ବୋଲି ପ୍ରମାଣିତ

ଜୀବନୀଠୁ ବଳି ଅଶ୍ଳୀଳତା ଆଉ କିଛି ନାହିଁ । ବଦ୍‌ଲେଆରଙ୍କର ବିଶେଷତ୍ୱ—ଜୀବନ୍ତ ଚରିତ୍ରଙ୍କ ଉପରେ ତାଙ୍କ ସ୍ୱଭାବ ପ୍ରଭାବ : ତାଙ୍କର ସମସ୍ତ କବିତା ପାଠକ ମନରେ ଯେଉଁ ସ୍ଥାୟୀ ରୂପ ଗ୍ରହଣ କରେ, ତାହା ଜୀବନ୍ତ ଅନୁଭୂତି ପ୍ରଣୋଦିତ ନୁହେଁ । ଅଥଚ ଯେଉଁମାନେ ତାଙ୍କ ଦ୍ୱାରସ୍ଥ ହୁଅନ୍ତି, ସେମାନଙ୍କ କବିତାରେ ସବୁ [ଯାହା କିଛି ଥାଏ] ଉପରେ ଜୀବନ୍ତର ପ୍ରଭାବ ହିଁ ସ୍ପଷ୍ଟ ହୋଇଥାଏ ।

୧୮୨୧ରୁ ୧୮୬୭ ମଧ୍ୟରେ ସୀମାବଦ୍ଧ ବଦ୍‌ଲେଅରଙ୍କ ଅନତି ଦୀର୍ଘ ଜୀବନଯାତ୍ରା ଥିଲା ବିକ୍ଷୁବ୍ଧ । 'ଡେଭିଡ଼ କପର୍‌ଫିଲଡ଼' ଉପନ୍ୟାସର କିଶୋର ନାୟକଟି ଭଳି ସେ ବାଲ୍ୟକାଳରୁ ଆତ୍ମୀୟ-ସ୍ୱଜନଙ୍କ

## ବଦ୍‌ଲେଆର୍

ଠାରୁ ବିଚ୍ଛିନ୍ନ ହୋଇ ପଡ଼ିଥିଲେ [ପିତା ମରି ଯାଇଥିଲେ, ମାତା ଦ୍ୱିତୀୟ ସ୍ୱାମୀଙ୍କ ସହ ବିଦେଶ ଚାଲିଗଲେ] । କ୍ରମାଗତ ଭାବରେ ତିନି ଜଣ ନାରୀ ତାଙ୍କ ହୃଦୟ ହରଣ କରିଥିଲେ । ପ୍ରଥମ ଜଣକ ଜାନ୍ ଦୁଭାଲ ଦ୍ୱିତୀୟ ଜଣକ ସାମାଜିକ ପ୍ରତିଷ୍ଠା-ସମ୍ପନ୍ନା ମହିଳା ମ୍ୟାଡାମ ସେବାଟିଅର । ଯେତେବେଳେ କବିଙ୍କ ଅନୁରକ୍ତିର ପ୍ରତିଦାନରେ ମାଡାମ ସେବାଟିଅର ତାଙ୍କର ଜୀବନ-ସଙ୍ଗିନୀ ହେବାକୁ ହାତ ବଢ଼ାଇ ଦେଲେ, ସେତେବେଳକୁ କବି ତୃତୀୟ ନାରୀ ମେରୀ ଦବ୍ରାଁଙ୍କ ପଛରେ ପାଗଳ । ମେରୀ ଦବ କିନ୍ତୁ କବିଙ୍କର ଜଣେ ବନ୍ଧୁଙ୍କର ସହଯାତ୍ରିଣୀ ହେଲେ ।

ସେ ଅନେକ ସମୟରେ ନିବିଡ଼ ବିମର୍ଷତା ମଧ୍ୟରେ ବୁଡ଼ି ରହୁଥିଲେ

(୪ର୍ଥ ପୃଷ୍ଠା ଦେଖନ୍ତୁ)

## କେତେ ଦିଗନ୍ତ

[ ୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ ]

ସତ, କିନ୍ତୁ ଥରେ ଥରେ ଅସ୍ୱାଭାବିକ ପ୍ରାଣୋଚ୍ଛ୍ୱଳତାରେ ସମସ୍ତଙ୍କୁ ଚମକାଇ ଦେଉଥିଲେ ମଧ୍ୟ । ଥରେ ଗୋଟିଏ ବିପନ୍ନ ଜାହାଜକୁ ରକ୍ଷା କରିବା ସକାଶେ ସେ ପ୍ରଭୂତ ସାହସର ପରିଚୟ ଦେଇଥିଲେ; ଊନବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ବିପ୍ଳବୀମାନଙ୍କ ସହ ସେ ଯୋଗ ଦେଇଥିଲେ । ନାନାଦି ଅଭିଜ୍ଞତା ଭିତରେ ନିଜ ଭିତରେ ଯେଉଁ ଶାଶ୍ୱତ ଦ୍ୱନ୍ଦ୍ୱ ସମ୍ପର୍କରେ ସେ ଅଧିକରୁ ଅଧିକ ସଚେତନ ହୋଇ ଉଠୁଥିଲେ, ତାହା ହେଲା ନିଜ ଚେତନାର ଶୁଦ୍ଧତା ଓ ଦେହର ଶୁଦ୍ଧତା ଭିତରର ଦ୍ୱନ୍ଦ୍ୱ । ଅଭୂତପୂର୍ବ ଅକପଟତା, ଦୁଃସାହସିକ ଚିତ୍ରକଳ୍ପର ସମବାୟରେ ଏହି ଦ୍ୱନ୍ଦ୍ୱ ଅଭିବ୍ୟକ୍ତ ହୋଇଛି—ତାଙ୍କର ଶ୍ରେଷ୍ଠ କୃତି 'ଦୁର୍ଗତିର ପୁଷ୍ପ' (The Flowers of Evil) କବିତା ସଞ୍ଚୟନ କରେ । ତାହାର ଛତ୍ରେ ଛତ୍ରେ ଉଲଗ୍ନ ଅଭିଳାଷ ସହିତ ମିଶି ରହିଛି ଭୟଙ୍କର ଗ୍ଲାନିବୋଧ । ପ୍ରେମିକାର ଗତି ପଥରେ କେତେବେଳେ ସେ ଦେଖୁଛନ୍ତି ସମୁଦ୍ରଗାମୀ ଛନ୍ଦମୟ ସ୍ରୋତ, କେତେବେଳେ ବା ନାସାକୁ ଭେଦ କରି ସେ ଦେଖୁଛନ୍ତି 'ଶବ ଦେହର କୀଟବସ୍ତି' ।

ମେଲ୍‌ଭିଲଙ୍କ 'ମୋବି ଡିକ୍' ଉପନ୍ୟାସର ଆହାବ ଯେମିତି ତିମିକୁ ଧ୍ୱଂସ କରିବାକୁ ବଦ୍ଧପରିକର ହେବା ଭିତରେ ନିଜକୁ ଧ୍ୱଂସ କରିବାର ଗୋପନ ଇଚ୍ଛାରେ ଉନ୍ମତ୍ତ, ବଦ୍‌ଲେଆରଙ୍କ ଚରିତ୍ରରେ ସେଇମିତି ଏକ ଆକର୍ଷଣ ଲକ୍ଷ୍ୟ କରିଛନ୍ତି ଟି.ଏସ୍. ଏଲିଅଟ । ସେ କହୁଛନ୍ତି: "ସେ (ବଦ୍‌ଲେଆର) ପ୍ରକୃତ ଶକ୍ତିମାନ୍‌ମାନଙ୍କ ଭିତରୁ ଜଣେ, କିନ୍ତୁ ତାହା କେବଳ ନିଜେ ଯାତନା ଭୋଗିବାର ଶକ୍ତି । ସେ ଯାତନାକୁ ଏଡ଼ାଇ ପାରିନାହାନ୍ତି । ତାହାର ଊର୍ଦ୍ଧ୍ୱକୁ ଯାଇ ପାରିନାହାନ୍ତି । ଅତଏବ କେବଳ ନିଜ ଭିତରକୁ ଯାତନାକୁ ଟାଣି ଆଣିଛନ୍ତି ।

ସମସାମୟିକ ସମାଜରେ ତାଙ୍କର କବିତା ହୁଲସ୍ଥୂଳ ସୃଷ୍ଟି କରିଥିଲା । ସାମାଜିକ, ନୈତିକମାନଙ୍କୁ ଆଘାତ କରିଥିବା ଅଭିଯୋଗରେ ସେ ବିଚାରାଳୟରେ ଅଭିଯୁକ୍ତ ହୋଇଥିଲେ । ଏଇ ପରିପ୍ରେକ୍ଷୀରେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ତାଙ୍କର ଏଇ ମର୍ମବାଣୀ: "କବି ହେଉଛି ବଉଦ ଭେଳରେ ରାଜକୁମାର । ସେ ଝଡ଼ ଉପରେ ସବାର ହୋଇ ବୁଲି ପାରେ—ଶର ସନ୍ଧାନୀକୁ ତାଚ୍ଛଲ୍ୟ କରି । କିନ୍ତୁ ଥରେ ମାଟି ଉପରକୁ ନିର୍ବାସିତ ହୋଇ ଆସିଲେ ବିଦ୍ରୂପ ଓ ଅପମାନ ଭିତରେ ବିସ୍ତୃତର ବିଶାଳ ଡେଣା ଦୁଇଟି ତା'ର ଗତିକୁ କରେ ପ୍ରତିହତ ।"

ଜୀବନର ଶେଷାଂଶରେ ସେ ଡି-କୁଇନସିଙ୍କ ଜୀବନ ଦ୍ୱାରା ପ୍ରଭାବିତ ହୋଇ ଅଫିମ-ସେବନ ଅଭ୍ୟାସ କରିଥିଲେ । ଫ୍ରାନ୍ସରୁ ବେଲଜିୟମ ଯାଇ ବୁଲି ବୁଲି ବକ୍ତୃତା ଦେଇ କିଛି ସୁନାମ ଓ ଅର୍ଥ ଅର୍ଜ୍ଜନ କରିବାକୁ ଚେଷ୍ଟା କରିଥିଲେ; କିନ୍ତୁ ସଫଳ ହେଲେ ନାହିଁ । ପ୍ରଚୁର ମଦ ପିଇବାକୁ ଆରମ୍ଭ କରି, ପକ୍ଷାଘାତଗ୍ରସ୍ତ ହୋଇ ଭଗ୍ନହୃଦୟରେ ପ୍ୟାରିସ ଫେରି ଆସି ପ୍ରାଣତ୍ୟାଗ କଲେ ।

ଆଜି ସେ ଅବିସମ୍ବାଦିତ ଭାବରେ 'ବଡ଼ କବି' । ଆଶ୍ଚର୍ଯ୍ୟ ଲାଗେ, ମାତ୍ର ଶହେଟି ବର୍ଷ ତଳେ ତାଙ୍କୁ ଅଶ୍ଳୀଳ ବୋଲି ଉଡ଼ାଇ ଦେବାକୁ ଚେଷ୍ଟା ହେଉଥିଲା । ତାଙ୍କ ସମ୍ପର୍କରେ ଶ୍ରୀଅରବିନ୍ଦ କହୁଛନ୍ତି :

"ବଦ୍‌ଲେଆର ଏଡ଼େ ମାର୍ଜିତ ଓ ସଚେତନ ଶିଳ୍ପୀ ଥିଲେ ଯେ, ସେ କେବେ ବି ଅଶ୍ଳୀଳ ହୋଇ ନପାରନ୍ତି । ଜୀବନର 'ମନ୍ଦ' ଦିଗକୁ ହିଁ ସେ ତାଙ୍କ ଲେଖାର ବିଷୟବସ୍ତୁରୂପେ ପ୍ରାୟଶଃ ବାଛୁଥିଲେ ଏବଂ ତହିଁ ଭିତରୁ କାବ୍ୟିକ ସୌନ୍ଦର୍ଯ୍ୟ ବାହାର କରିବାକୁ ଚେଷ୍ଟା କରୁଥିଲେ, ଯିମିତି ସାଧାରଣ ଆଖିକୁ କୁରୂପ କିମ୍ବା ବିରକ୍ତିକର ଦେଖାଯାଉଥିବା ବସ୍ତୁରୁ ଜଣେ ଚିତ୍ରକର ବାଛି ନେଇ ତହିଁ ମଧ୍ୟରୁ କଳା-ସମ୍ମତ ସୌନ୍ଦର୍ଯ୍ୟ ବାହାର କରିପାରେ । କିନ୍ତୁ ଏହା ହିଁ ତାଙ୍କ କବିତାର ଏକମାତ୍ର ଉପଜୀବ୍ୟ ନୁହେଁ ।" ———

ହେଲ ଯୌବନରେ
ଶିରରେ ପୁଣି ଉଜ୍ଜ୍ୱଳ ଦ...
କେଶ, ଗଳିତ ଦନ୍ତ ସ...
ନୂତନ ଦନ୍ତର ବିକାଶ
ବର୍ତ୍ତମାନ ଏ ଗଗ୍ନରର ବ...
(ବାର୍ଦ୍ଧକ୍ୟ ଲିର ଲିନ) ।
କହିବା ବାହୁଲ୍ୟ, ପୁ...
ଯଯାତିଙ୍କ ଯୁଗରେ ଦୁ...
ଫେରି ପାଇବା ନିମନ୍ତେ
ଯେଉଁ ବ୍ୟାକୁଳତା ଥିଲା,
କିଛିଟା ଚ୍ୟାଲେଞ୍ଜରେ ପ...
ଯାଇଛି । ଅମାପ ବୈଜ୍ଞା...

...ତାଙ୍କୁ
...ରୁଥିଲେ)
...ଅଞ୍ଚଳରୁ
...ର କିଛି
...ସେ ପାଣି
...ରେ
...ଇଲେ
...ଙ୍କର
...ା ବୃଦ୍ଧା
...ପ୍ରଥମେ
...ମାନେ

ଶିଖର ... କୃଷ୍ଣକାୟ ଜଳରାଶି ଆଡ଼କୁ ଅନାଇ ବସି ରହିଲେ । ଦୂର-ଦିଗବଳୟରେ ସମୁଦ୍ରକୁ ଛୁଇଁ ଗୁଚ୍ଛ ଗୁଚ୍ଛ ହଳଦିଆ ମେଘ ଭାସି ବୁଲୁଛି । ସେହି ଦିଗରୁ ଆସୁଥିବା ଶୀତଳ ପବନରେ ସୁଲତାନଙ୍କ ଶିର ଓ ଶ୍ମଶ୍ରୁର କେଶରାଶି ବିପର୍ଯ୍ୟସ୍ତ ହେଉଥାଏ ।

"ସମ୍ରାଟ ! ଆସନ୍ତୁ ଯିବା ।" କହିଲେ ଅଲଗାଲ୍ଲା ।

"ଅପେକ୍ଷା କର ।" କହିଲେ ସୁଲତାନ । ଯେମିତି ସାମୁଦ୍ରିକ ନିର୍ଘୋଷ ଭିତରୁ ସେ କିଛି ଶୁଣିବାର ପ୍ରୟାସ କରୁଥିଲେ ।

ବାରମ୍ବାର ଅଲଗାଲ୍ଲା ସୁଲତାନଙ୍କୁ ଡାକିଲେ । ଶେଷରେ ସୁଲତାନ୍ ଯିବା ସକାଶେ ଉଠି ଛିଡ଼ା ହେଲେ ମଧ୍ୟ, କିନ୍ତୁ ହଠାତ୍ ସେ ପଚାରିଲେ, "ମୁଁ କୁଆଡ଼େ, କାହିଁକି ଯିବି ? ଏଣିକି, ପ୍ରେମହୀନ ଏଇ ପୃଥିବୀରେ ମୁଁ କ'ଣ ନେଇ ରହିବି ?"

"ଆପଣଙ୍କର ଏତେ ଗୌରବ, ଏତେ ଐଶ୍ୱର୍ଯ୍ୟ ରହିଛି ସମ୍ରାଟ !" କହିଲେ ଅଲଗାଲ୍ଲା ।

"ସେ ସବୁ ଐଶ୍ୱର୍ଯ୍ୟ ଓ ଗୌରବ ବଦଳରେ ମୋତେ ତୁମେ ମୋର ବିଗତ ପ୍ରେମିକାର ଗୋଟିଏ ଚୁମ୍ବନ ଆଣିଦେଇ ପାରିବ ?" ଉତ୍ତର ଦେଲେ ସୁଲତାନ । ଟିକିଏ ରହି ସେ ପୁଣି କହିଲେ, "ଈଶ୍ୱର ତୁମକୁ ଯଶସ୍ୱୀ କରନ୍ତୁ ଅଲଗାଲ୍ଲା । ମୋତେ କିନ୍ତୁ ବିଦାୟ ଦିଅ ।" ସୁଲତାନ ସମୁଦ୍ର ଆଡ଼କୁ ମୁହଁ କରି ଶିଖର ପ୍ରାନ୍ତକୁ ଅଗ୍ରେଇ ଗଲେ ଓ ଅଲଗାଲ୍ଲା ଅଗ୍ରସର ହେଲେ ତାଙ୍କୁ କିଛି କହିବା ପୂର୍ବରୁ ସେ ନିମ୍ନସ୍ଥ ଜଳରାଶି ଭିତରକୁ ଲମ୍ଫ ପ୍ରଦାନ କଲେ ।

ଅଲଗାଲ୍ଲା ବିମୂଢ଼ ସ୍ୱରରେ କହିଲେ, "ଭଗବାନ ! ମୋତେ ଏଇପରି ଦୃଢ଼ ହୃଦୟର ଅଧିକାରୀ କର ।"

ଏହିପରି ଭାବରେ କ୍ରିମିଆରେ ସୁଲତାନ ଆମଗିରଙ୍କ ରାଜତ୍ୱ ଶେଷ ହେଲା ଓ ତାଙ୍କ ପରେ ସୁଲତାନ ହେଲେ ଅଲଗାଲ୍ଲା ।

ଜନଶକ୍ତି, ତା ୨୫।୧୨।୧୯୭୬-୪